# ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ପ୍ଲଟ ନଂ-ଏ/୩୨, ଗୃହ ନିର୍ମାଣ ଭବନ
ସଚିବାଳୟମାର୍ଗ, ଭୁବନେଶ୍ୱର-୭୫୧୦୦୧

## ପ୍ରେସ୍ ଇସ୍ତାହାର

**ଓଡ଼ିଶା ରାଜ୍ୟଗୃହ ନିର୍ମାଣ ସଂସ୍ଥାର ଭୁବନେଶ୍ୱର ୟୁନିଟ୍-୩ ମାଳିସାହିସ୍ଥିତ 'ଚନ୍ଦ୍ରମା ଆପାର୍ଟମେଣ୍ଟ'**

**(Chandrama Apartment, Malisahi, Bhubaneswar)**

**ଯୌଥ ପ୍ରକଳ୍ପ ସମ୍ବନ୍ଧୀୟ**

Notice No. ୨୫୮୫ Date ୮/୬/୨୨

ଏତଦ୍ୱାରା ସର୍ବସାଧାରଣ ତଥା ବିଲ୍ଡର ଶେୟାରରୁ କିଣିଥିବା ଉପଭୋକ୍ତା ମାନଙ୍କୁ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ୧୯୯୮ ମସିହାରେ ରାଜ୍ୟ ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗରୁ ଭୁବନେଶ୍ୱର ଖାରବେଳ ନଗର ମୌଜାରେ ଖାତା ନଂ-୪୪୧ ଅନ୍ତର୍ଗତ ୧୫୭ ନଂ ପ୍ଲଟରେ ପାଇଥିବା ଏ୩.୮୨୫ ଡ଼ିସିମିଲ୍ ଜମି (ମାଳିସାହିର) ଉପରେ M/s B. Engineers & Builderଙ୍କ ସହଭାଗିତାରେ ୩ଟି ରେସିଡେନ୍ସିଆଲ ବ୍ଲକରେ ୨୪୬ଟି ଫ୍ଲାଟର ନିର୍ମାଣ କରାଯାଇଅଛି । ଇତି ମଧ୍ୟରେ B. Engineers & Builder ଓ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାଙ୍କ ମଧ୍ୟରେ ଚୁକ୍ତିନାମା ଖିଲାପ ବାବଦରେ ମାନ୍ୟବର Arbitrator ଙ୍କ ପାଖରେ ଆର୍ବିଟ୍ରେସନ ମୋକଦ୍ଦମା ନଂ. 1(H)/2019ର ତା ୪/୬/୨୦୨୧ରେ Award ପାସ୍ ହୋଇସାରିଛି । ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଏହି Arbitratation Awardର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ M/s B. Engineersଙ୍କୁ ଅନୁରୋଧ କରିଅଛନ୍ତି । ମାତ୍ର କିଛି ଆପାର୍ଟମେଣ୍ଟ କ୍ରେତାଙ୍କ ସହ ଆଲୋଚନା ବେଳେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଜାଣିବାକୁ ପାଇଛି ଯେ, B. Engineers & Builders ବୋର୍ଡ଼ର ବିନା ସ୍ୱୀକୃତିରେ ବିଲ୍ଡ଼ରଙ୍କ ଠାରୁ ଆପାର୍ଟମେଣ୍ଟ କିଣିବା ପାଇଁ କରିଥିବା ଏଗ୍ରିମେଣ୍ଟ ଆଧାରରେ ତୃତୀୟ ପକ୍ଷଙ୍କୁ ବିକ୍ରୟ କରିବା ପାଇଁ ପୁନଃ ଚୁକ୍ତିନାମା ମାନ ସ୍ୱାକ୍ଷର କରୁଛନ୍ତି ।

ଏହା ଆଇନ୍ ମତେ ବୈଧ ଓ ଗ୍ରହଣୀୟ ନୁହେଁ । ଏହି ପ୍ରେସ୍ ଇସ୍ତାହାର ମାଧ୍ୟମରେ ଆମ୍ଭେ ସର୍ବସାଧାରଣ ଓ ବିଲ୍ଡ଼ରଙ୍କ ଠାରୁ କିଣିଥିବା ସମସ୍ତ ଆପାର୍ଟମେଣ୍ଟ କ୍ରେତାମାନଙ୍କୁ ଅନୁରୋଧ କରୁଅଛୁ କି, ଏହିଭଳି ତୃତୀୟ ପକ୍ଷ କ୍ରୟ ଓ ବିକ୍ରୟରୁ ଦୂରେଇ ରୁହନ୍ତୁ । କୌଣସି କ୍ରେତା ଓ ବିକ୍ରେତା ଜାଣି ବୁଝି କ୍ରୟ ଓ ବିକ୍ରୟ କଲେ କୌଣସି ପରିଣାମ ପାଇଁ ଉତ୍ତରଦାୟୀ ରହିବେ । ଏହିଭଳି କୌଣସି କ୍ରୟ ବା ବିକ୍ରୟ ବାବଦରେ ଭବିଷ୍ୟତରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କୌଣସି ପ୍ରକାରର ଉତ୍ତରଦାୟୀ ରହିବେ ନାହିଁ ।

ସଚିବ

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା